ପ୍ରେସ୍‌ନୋଟ୍

**ଶିଶୁ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ ଜିଲ୍ଲାପାଳ - ବାଲ୍ୟ ବିବାହ ପ୍ରଥାକୁ ନିଷିଦ୍ଧ କରିବା ନିମନ୍ତେ କଠୋର ପଦକ୍ଷେପ ନିଆଯିବ।**

ଅନୁଗୋଳ, ତା,୦୮.୧୧:- ଶିଶୁମାନଙ୍କର ସୁରକ୍ଷା ଓ ଯତ୍ନ ନିମନ୍ତେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ନେଇ ଗତକାଲି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜୁମ୍ ବୈଠକରେ ସମୀକ୍ଷା କରାଯାଇଛି । ବାଲ୍ୟ ବିବାହ ପ୍ରଥାକୁ ବନ୍ଦ କରିବା ନିମନ୍ତେ ତୃଣମୂଳ ସ୍ତରରୁ ବ୍ୟାପକ କାର୍ଯ୍ୟକ୍ରମ କରାଯିବା ସହ ପ୍ରତି ୧୫ ଦିନରେ ଗ୍ରାମ ପଞ୍ଚାୟତ ସ୍ତରରେ ବୈଠକ ଡାକି ସମ୍ପୃକ୍ତ ବ୍ୟକ୍ତିଂକ ବିରୁଦ୍ଧରେ କଡା ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବିଭିନ୍ନ ବିଭାଗ ସମ୍ମିଳିତ ଭାବେ IEC କାର୍ଯ୍ୟକ୍ରମ ଜରିଆରେ ଏହି ପ୍ରଥା ବିରୁଦ୍ଧରେ ସଚେତନ କରିବା ସହ ସତର୍କ ଓ ସଜାଗ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ବାଲ୍ୟ ବିବାହ ଆମ ସମାଜର ଏକ କଳଙ୍କ ଓ ଏହା କିପରି କୁ ପ୍ରଭାବ ପକାଉଛି ସେ ସମ୍ପର୍କରେ ପିଲାମାନଂକୁ ବୁଝାଇବା ସହ ଏକ ସୁରକ୍ଷିତ ଶୈଶବକୁ ଦୃଷ୍ଟିରେ ରଖି ସେମାନଂକର ଉପଯୁକ୍ତ ଯତ୍ନ ନେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀଶଂକର ବେହେରା ଏହି ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା, ବାଲ୍ୟବିବାହ ନିରୋଧ ଆଇନ୍ ଅଧିନରେ ଜିଲ୍ଲା, ବ୍ଲକ୍ ଏବଂ ପଞ୍ଚାୟତ ସ୍ତରୀୟ ଟାସ୍କଫୋର୍ସ ଗଠନ ଓ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ । ଶିଶୁମାନଂକ ପାଇଁ ଉତ୍ତମ ସ୍ଥାନ ହେଉଛି ପରିବାର । ଏକ ଭଲ ପରିବାର ପାଇଲେ ଶିଶୁଟିର ଭବିଷ୍ୟତ ଜୀବନ ବଦଳି ଯାଇଥାଏ । କିଶୋର ନ୍ୟାୟ୍ ଆଇନ ଏବଂ ସରକାରଂକ ନିର୍ଦ୍ଦେଶ ଅନୁଯାୟୀ ଶିଶୁମାନଂକୁ ଅନୁଷ୍ଠାନରେ ନ ରଖି ପରିବାରରେ କିପରି ଥଇଥାନ କରାଯିବ ସେଥିପାଇଁ ସମସ୍ତଂକର ସହଯୋଗର ଆବଶ୍ୟକତା ରହିଛି । ଯେଉଁ ଶିଶୁମାନଂକର ପରିବାରରେ ଥଇଥାନ ପାଇଁ ସୁଯୋଗ ନାହିଁ ସେମାନଂକୁ ପୋଷ୍ୟ ସନ୍ତାନ ଗ୍ରହଣ କିମ୍ବା ଫୋଷ୍ଟର କେୟାର (Foster Care) ରେ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରକାଶ କରିଥିଲେ । ଅନେକ ଶିଶୁ

କେବଳ ଶିକ୍ଷା ଲାଭ ପାଇଁ ଶିଶୁ ଯତ୍ନ ଅନୁଷ୍ଠାନକୁ ଆସୁଛନ୍ତି । ସେମାନଙ୍କ ମଧ୍ୟରୁ ଅନୁସୁଚିତ ଜାତି ଓ ଅନୁସୁଚିତ ଜନଜାତି ପିଲାମାନଙ୍କୁ ସମ୍ପୃକ୍ତ ବିଭାଗ ଅଧିନରେ ଥିବା ଆବାସିକ ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର LPO.( Legal Probation Officer) ଶ୍ରୀ ପ୍ରଦୀପ ନାୟକ ପାୱାର ପଏଣ୍ଟ ମାଧ୍ୟମରେ ବାଲ୍ୟ ବିବାହ ନିରୋଧ ଆଇନ୍ ଓ ବିଭିନ୍ନ ସ୍ତରରେ ଟାସ୍କ ଫୋର୍ସ ଗଠନ ଓ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ଶିଶୁ ଅଧିକାରର ଅବମାନନା,ଶିଶୁ ଶ୍ରମିକମାନଙ୍କୁ ଉଚ୍ଚ ଶିକ୍ଷା ସହିତ ସାମିଲ କରିବା, ଶିଶୁ ମିତ୍ର ପଞ୍ଚାୟତର କାର୍ଯ୍ୟକାରିତା, ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ସହଯୋଗୀତା,ପଞ୍ଚାୟତ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ପ୍ରଶିକ୍ଷଣ ଦେବା ଓ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ସଚେତନତା କାର୍ଯ୍ୟକ୍ରମ ଉପରେ ସେ ଆଲୋକପାତ କରିଥିଲେ । ପକସୋ ଆଇନ୍, କିଶୋର କିଶୋରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କୁ ସଶକ୍ତିକରଣ କରିବା, ବାଲ୍ୟ ବିବାହ ବାହାନାରେ ଚାଲୁଥିବା ଶିଶୁ ଚାଲାଣକୁ ବନ୍ଦ କରିବା, ଅଧାରୁ ପାଠ ପଢୁଥିବା ପିଲାମାନଙ୍କୁ ପୁନର୍ବାର ପାଠ ସହିତ ଯୋଡିବା, ଜୀବନ ଜୀବିକା ନିମନ୍ତେ ତାଲିମ ପ୍ରଦାନ ଓ ଯେଉଁ ଅଂଚଳରେ ଅଧିକ ବାଲ୍ୟବିବାହ ହେଉଛି ସେ ଅଂଚଳକୁ ଚିହ୍ନଟ କରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାରେ ସମସ୍ତ ଶିଶୁମାନେ କିପରି ବିଦ୍ୟାଳୟକୁ ଯିବେ ସେଥିପାଇଁ ଜିଲ୍ଲା ଶିକ୍ଷା ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଶିଶୁମାନଙ୍କର ସୁରକ୍ଷା ଓ ଥଇଥାନ ପାଇଁ ସମସ୍ତ ବିଭାଗ ମିଳିତ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକ ସହିତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲିପ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତାମାନେ ଯୋଡି ହୋଇଥିଲେ ।